# ଅଲ ଓଡ଼ିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧମରେ BEFI ସହ, ଅନୁବନ୍ଧିତ), *e-mail :-* aoubea@gmail.com
*ସ୍ଥାପିତ* - ୦୭-୦୮-୧୯୭୭, *ରେଜିଷ୍ଟ୍ରେସନ ନଂ .:-* ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)
*ମୋବାଇଲ୍ ନଂ.:-* ସଭାପତି – ସାଥି ଉପେନ୍ଦ୍ର ମହାନ୍ତି - 94372 72600, ସାଧାରଣ ସମ୍ପାଦକ – ସାଥି ଅଜୟ କୁମାର ମହାନ୍ତି - 94396 17325
*ମୁଖ୍ୟ କାର୍ଯ୍ୟାଳୟ* - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ହୋଟେଲ୍ କ୍ରାଉନ ପାଖ, ଆଇ.ଆର.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧ ୦୧୫

*ପରିପତ୍ର ସଂଖ୍ୟା :-* ୦୨-୨୦୧୮ ଭୁବନେଶ୍ୱର

*ପ୍ରାପ୍ତେଷୁ - ୟୁନିଟ୍‌ର ସମସ୍ତ ସାଥିଗଣ,* ୧୯.୦୧.୨୦୧୮

ପ୍ରିୟ କମ୍ରେଡ୍,

## - : ଫେଡେରେସନ୍ ସଂଗ୍ରାମର ସଫଳତା :-

ଆପଣମାନେ ଜାଣିଛନ୍ତି ଯେ, ଫେଡେରେସନ୍ ତରଫରୁ ଗତ ତା୦୭.୧୧.୨୦୧୬ରିଖରେ ୟୁନିୟନ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ୫୦-ଦଫା ଦାବୀପତ୍ର ପ୍ରଦତ୍ତ କରାଯାଇଥିଲା । ଏଥିପୂର୍ବରୁ, କର୍ତ୍ତୃପକ୍ଷ ଆମ ସହିତ ତା୨୭.୦୧.୨୦୧୬ରିଖରେ ପ୍ରଦତ୍ତ ୪୨-ଦଫା ଦାବୀପତ୍ର ଉପରେ ଗତ ତା୨୬.୦୫.୨୦୧୬ରିଖରେ ଆଲୋଚନା କରିଥିଲେ । ସେହି ସମୟରେ, କର୍ତ୍ତୃପକ୍ଷ କେତୋଟି ଦାବୀ ଉପରେ, ସକାରାତ୍ମକ ପଦକ୍ଷେପ ନେବାକୁ ଆଶ୍ୱାସନା ଦେଇଥିଲେ । ଇତିମଧ୍ୟରେ, କର୍ତ୍ତୃପକ୍ଷ ନିମ୍ନୋକ୍ତ କେତୋଟି ଦାବୀ ଉପରେ ବିଚାର କରି, ସର୍କ୍ୟୁଲାର୍ ଜାରୀ କରିଛନ୍ତି ।

### ୧. ଫେଷ୍ଟିଭାଲ୍ ଆଡ୍‌ଭାନ୍ସ୍ ପରିମାଣରେ ବୃଦ୍ଧି :-

ଫେଡେରେସନ୍‌ର ଅନ୍ୟ ଏକ ଦାବୀ ଥିଲା ଯେ, ଫେଷ୍ଟିଭାଲ୍ ଆଡ୍‌ଭାନ୍ସ୍ ପରିମାଣକୁ କେବଳ "ବେସିକ୍ ପେ" ପରିମାଣ ପରିବର୍ତ୍ତେ ଗୋଟିଏ ମାସ ଦରମାର ମୋଟ ପରିମାଣ (Gross Salary)କୁ ବୃଦ୍ଧି କରାଯାଉ । ଆମର ଲଗାତାର ଦାବୀ ଫଳରେ ୟୁନିୟନ ବ୍ୟାଙ୍କ୍ କର୍ତ୍ତୃପକ୍ଷ ଏହି ମର୍ମରେ ଗତ ତା୦୯.୦୧.୨୦୧୮ରିଖରେ ଷ୍ଟାଫ୍ ସର୍କ୍ୟୁଲାର୍ ସଂଖ୍ୟା ୬୭୨୫ ଜାରୀ କରିଛନ୍ତି ।

### ୨. ଲାଇଫ୍ ଟାଇମ୍ ଆପ୍ରେସିଏସନ୍ ଆୱାର୍ଡ୍ :-

ଆପଣମାନେ ଜାଣିଛନ୍ତି ଯେ, ଆମ ବ୍ୟାଙ୍କ୍‌ରେ ୨୫ ବର୍ଷର ଚାକିରୀକାଳ ପୂରଣ କରିବା ପରେ କର୍ମଚାରୀମାନଙ୍କୁ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ତରଫରୁ "ସିଲ୍‌ଭର୍ ଜୁବିଲି ଆୱାର୍ଡ୍" ପ୍ରଦାନ କରାଯାଇଥାଏ । କିନ୍ତୁ, ଅବସରପ୍ରାପ୍ତ ସାମରିକ କର୍ମଚାରୀମାନଙ୍କ କ୍ଷେତ୍ରରେ ଚାକିରୀକାଳର ସୀମାକୁ ୨୦ ବର୍ଷକୁ ଧାର୍ଯ୍ୟ କରାଯାଇଅଛି । ଏହି ନିୟମ ଅନୁସାରେ, ଯେଉଁ କର୍ମଚାରୀମାନେ ଏହି ସ୍ଥିରୀକୃତ ଚାକିରୀକାଳ ସୀମାକୁ ପୂରଣ କରି ନ ପାରି ଚାକିରୀରୁ ଅବସର ନେଉଥିଲେ, ସେମାନେ ଏହି "ସିଲ୍‌ଭର୍ ଜୁବିଲି ଆୱାର୍ଡ୍" ପାଇବାରୁ ବଞ୍ଚିତ ହେଉଥିଲେ । ଏଣୁ, ଫେଡେରେସନ୍‌ର ଦାବୀ ଥିଲା ଯେ, ଯେଉଁ କର୍ମଚାରୀମାନେ ଏହି ଆୱାର୍ଡ୍ ନ ପାଇ ଚାକିରୀରୁ ଅବସର ନେଉଛନ୍ତି, ସେହି ସମସ୍ତ କର୍ମଚାରୀଙ୍କୁ ଆୱାର୍ଡ୍ ପ୍ରଦାନ କରିବାର ବ୍ୟବସ୍ଥା କରାଯାଉ । ଏବେ, ବ୍ୟାଙ୍କ୍ କର୍ତ୍ତୃପକ୍ଷ, ଗତ ତା୦୯.୦୧.୨୦୧୮ରିଖରେ ଷ୍ଟାଫ୍ ସର୍କ୍ୟୁଲାର୍ ସଂଖ୍ୟା ୬୭୨୬ ଜାରୀ କରି ନିମ୍ନୋକ୍ତ ବର୍ଗର କର୍ମଚାରୀଙ୍କ ପାଇଁ "ଲାଇଫ୍ ଟାଇମ୍ ଆପ୍ରେସିଏସନ୍ ଆୱାର୍ଡ୍" ପ୍ରଚଳନ କରିଛନ୍ତି । ଏହି ଆୱାର୍ଡ୍ ଅବସର ଗ୍ରହଣ କରିବା ସମୟରେ ପ୍ରଦାନ କରାଯିବ ଏବଂ ଏହାର ପରିମାଣ ବର୍ତ୍ତମାନର ପ୍ରଚଳିତ "ସିଲ୍‌ଭର୍ ଜୁବିଲି ଆୱାର୍ଡ୍"ର ପରିମାଣ ସହିତ ସମାନ ହେବ ।

କ) ଯେଉଁ ଅବସରପ୍ରାପ୍ତ ସାମରିକ କର୍ମଚାରୀମାନେ ୪୦ ବର୍ଷର ବୟସ ପରେ ବ୍ୟାଙ୍କ୍ ଚାକିରୀରେ ଯୋଗ ଦେଇଛନ୍ତି,

ଖ) ଯେଉଁ କର୍ମଚାରୀମାନେ ୩୫ ବର୍ଷର ବୟସ ପରେ ଅନୁକମ୍ପାମୂଳକ ଭିତ୍ତିରେ ବ୍ୟାଙ୍କ୍ ଚାକିରୀରେ ଯୋଗ ଦେଇଛନ୍ତି ।

### ୩. କନ୍‌ଭେୟାନ୍ସ୍ ଲୋନ୍ :-

ବ୍ୟାଙ୍କ୍‌ରେ ପ୍ରଚଳିତ ନିୟମ ଅନୁସାରେ ୨-ଚକିଆ ଯାନ ନିମିତ୍ତ ଋଣ ଏବଂ ୪-ଚକିଆ ଯାନ ନିମିତ୍ତ ଋଣ ପାଇବା ପାଇଁ ଜଣେ କିରାଣୀ ବା, ସବ୍‌ଷ୍ଟାଫ୍‌କୁ ଯଥାକ୍ରମେ ୨ ବର୍ଷ ବା, ୩ ବର୍ଷର ଚାକିରୀକାଳର ଅବଧି ପୂରଣ କରିବା ଆବଶ୍ୟକ । କିନ୍ତୁ, ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ନିକଟରେ ଫେଡେରେସନ୍‌ର ପ୍ରଶ୍ନ ଥିଲା ଯେ, ଜଣେ ଅଫିସର ଯଦି ଚାକିରୀରେ Confirm ହେବା ପରେ ଏହି ୨ଟି ଯାକ ଋଣ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇପାରୁଅଛି, ତେବେ ଜଣେ କିରାଣୀ ବା, ସବ୍‌ଷ୍ଟାଫ୍ କ୍ଷେତ୍ରରେ କାହିଁକି ଏହି ନିୟମ ଲାଗୁ ହୋଇ ପାରିବ ନାହିଁ ?

ଏହି ଋଣ ଉପରେ ସୁଧହାର ୮.୫%ରେ ଧାର୍ଯ୍ୟ ଥିଲା । କିନ୍ତୁ, ଫେଡେରେସନ୍‌ର ଦାବୀ ଫଳରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ, ତା୦୧.୦୯.୨୦୧୭ରିଖ ଠାରୁ ଏହି ସୁଧହାରକୁ ୮.୫%ରୁ କମାଇ ୭.୫%ରେ ଧାର୍ଯ୍ୟ କରିଛନ୍ତି ।

୨-ଚକିଆ ଏବଂ ୪-ଚକିଆ ଯାନ ନିମିତ୍ତ ଋଣର ପରିମାଣ ଯଥାକ୍ରମେ ଟ.୮୦,୦୦୦/-ଙ୍କା ଏବଂ ଟ.୫,୦୦.୦୦୦/-ଙ୍କାରେ ସୀମିତ ଅଛି । ଏବେ, ବ୍ୟାଙ୍କ୍ କର୍ତ୍ତୃପକ୍ଷ, ଗତ ତା୦୯.୦୧.୨୦୧୮ରିଖରେ ଷ୍ଟାଫ୍ ସର୍କ୍ୟୁଲାର୍ ସଂଖ୍ୟା ୬୭୨୮ ଜାରୀ କରି ଏଥିରେ ସାମାନ୍ୟ ପରିବର୍ତ୍ତନ କରିଅଛନ୍ତି । ବର୍ତ୍ତମାନ, ଏହି ୨ଟି ଯାକ ଋଣକୁ, ଜଣେ କର୍ମଚାରୀ ଏକ ସଙ୍ଗରେ, ମାତ୍ର ସର୍ବାଧିକ ଟ.୫,୦୦.୦୦୦/-ଙ୍କାରେ ମଧ୍ୟରେ, ନେଇ ପାରିବେ ।

ଏତଦ୍‌ବ୍ୟତୀତ, ଋଣ ଶୁଝିବାର ଅବଧିକୁ ୭୦ ବର୍ଷ ବୟସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଅଛି ।

**<u>S.W.O.-B ପଦବୀ ପୂରଣ</u> :-** ଆମ ରାଜ୍ୟ ସଙ୍ଗଠନର ଲଗାତାର ପ୍ରୟାସ ଫଳରେ ଭୁବନେଶ୍ୱର କ୍ଷେତ୍ରୀୟ କର୍ତ୍ତୃପକ୍ଷ ଗତ ତା ୨୦.୧୨.୨୦୧୭ରିଖରେ ଓଡିଶାରେ ଖାଲି ପଡିଥିବା S.W.O.-B ପଦବୀଗୁଡିକ ନିମିତ୍ତ ତା୦୧.୦୧.୨୦୧୮ରିଖ ମଧ୍ୟରେ ଦରଖାସ୍ତ ଆହ୍ୱାନ କରିଥିଲେ । ଆମ ବ୍ୟାଙ୍କ୍‌ରେ ପ୍ରଚଳିତ ନିୟମ ଅନୁସାରେ ଯେଉଁ ଷ୍ଟେସନ୍‌ରେ ଅବସ୍ଥିତ ଶାଖାର S.W.O.-B ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ, ସେହି ଶାଖାର S.W.O.-B ପଦବୀ ପାଇଁ, କେବଳ ସେହି ଷ୍ଟେସନ୍‌ରେ ଅବସ୍ଥିତ ସମସ୍ତ ଶାଖାଗୁଡିକର S.W.O.-A ସାଥିମାନେ ହିଁ ଆବେଦନ କରିପାରିବେ । ଆବେଦନ କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ବ୍ୟାଙ୍କ୍‌ରେ କିରାଣୀ ପଦରେ ଯୋଗ ଦେବା ତାରିଖ, ଶିକ୍ଷାଗତ ଯୋଗ୍ୟତା ଏବଂ ବୟସ ଇତ୍ୟାଦିକୁ ବିଚାରକୁ ନେଇ ବରିଷ୍ଠତା ଭିତ୍ତିରେ ଯୋଗ୍ୟ ବିବେଚିତ S.W.O.-A ସାଥିମାନଙ୍କୁ ଚୟନ କରାଯାଇଥାଏ । ଏହି ଆଧାରରେ, ନିମ୍ନୋକ୍ତ S.W.O.-A ୧୧ ଜଣ ସାଥିମାନଙ୍କୁ ତା୦୨.୦୧.୨୦୧୮ରିଖଠାରୁ S.W.O.-B ପଦବୀକୁ ଉନ୍ନୀତ କରାଯାଇଅଛି ।

| *କ୍ର.ନଂ.* | *ସାଥିଙ୍କ ନାମ* | *କେଉଁ ଶାଖାରେ କାର୍ଯ୍ୟରତ* | *କେଉଁ ଶାଖା ନିମିତ୍ତ ନିଯୁକ୍ତି ପାଇଲେ* |
|---|---|---|---|
| ୧ | ସୁଧାଂଶୁ ଶେଖର ମିଶ୍ର | ଗ୍ରିଡ୍‌କୋ | ଇନ୍‌ଫୋସିଟୀ |
| ୨ | ସୁଶ୍ରୀ ବନ୍ଦିତା ପୃଷ୍ଟି | ଓମ୍‌ଫେଡ୍ | ନୟାପଲ୍ଲୀ |
| ୩ | ସୌମ୍ୟ ରଞ୍ଜନ ଦତ୍ତ | ସାମନ୍ତପୁର | ଆର୍.ଓ., ଭୁବନେଶ୍ୱର |
| ୪ | ଶିଶିର ଖଟୁଆ | ଗଉଳିଆଗଞ୍ଜ | କଟକ (ମୁଖ୍ୟ) |
| ୫ | ରାଜୀବ ଲୋଚନ ପାତ୍ର | ବ୍ରହ୍ମପୁର (ମୁଖ୍ୟ) | ବ୍ରହ୍ମପୁର (ମୁଖ୍ୟ) |
| ୬ | ରାଜ ରାଜେଶ୍ୱର ରାଣା | କମାପଲ୍ଲୀ | ବ୍ରହ୍ମପୁର (ମୁଖ୍ୟ) |
| ୭ | ରଞ୍ଜିତ କୁମାର ସାହୁ | ଯାଜପୁର | ଯାଜପୁର |
| ୮ | ସୁଶ୍ରୀ ରଶ୍ମିତା ମଲ୍ଲ | ବେଦବ୍ୟାସ | ଆମାଗାଁଓ |
| ୯ | ସୁଶ୍ରୀ ତପସ୍ୱିନୀ ସୁରିନ୍ | ବ୍ରଜରାଜନଗର | ବ୍ରଜରାଜନଗର |
| ୧୦ | ସୁଶ୍ରୀ ସ୍ନିଗ୍ଧାରାଣୀ ନାୟକ | ଝାରସୁଗୁଡା | ଝାରସୁଗୁଡା |
| ୧୧ | ପ୍ରମୋଦ କୁମାର ସାହୁ | ସମ୍ବଲପୁର (ମୁଖ୍ୟ) | ସମ୍ବଲପୁର (ମୁଖ୍ୟ) |

ଏହି ପ୍ରକ୍ରିୟା ସତ୍ତ୍ୱେ, ନିମ୍ନୋକ୍ତ ଶାଖାଗୁଡିକର ୭ଟି S.W.O.-B ପଦବୀଗୁଡିକ ପୂରଣ ହୋଇ ପାରିଲା ନାହିଁ । ସୂଚନାଯୋଗ୍ୟ, ଆମ ରାଜ୍ୟର ଭୁବନେଶ୍ୱର କ୍ଷେତ୍ର ଅଧିନରେ ୪୬ଟି ଏବଂ ସମ୍ବଲପୁର କ୍ଷେତ୍ର ଅଧିନରେ ୧୮ଟି, ଏହିପରି ମୋଟରେ ୬୪ଟି S.W.O.-B ପଦକୁ ମଞ୍ଜୁରୀ ମିଳିଅଛି ।

| *କ୍ର.ନଂ.* | ୧ | ୨ | ୩ | ୪ | ୫ | ୬ | ୭ |
|---|---|---|---|---|---|---|---|
| *ଶାଖାର ନାମ* | ବାଲୁଖଣ୍ଡ | ବ୍ରହ୍ମପୁର (ମୁଖ୍ୟ) | କଲେଜ ଛକ | ପଞ୍ଚୁଗୋଛିଆ | ପାରଳାଖେମୁଣ୍ଡି | ବରଗଡ | ସମ୍ବଲପୁର (ମୁଖ୍ୟ) |

**<u>ସାଥିଙ୍କ ଅବସର</u> :-** ଆମ ରାଜ୍ୟ ସଙ୍ଗଠନର ସହ ସମ୍ପାଦକ ତଥା ସମ୍ବଲପୁର (ମୁଖ୍ୟ) ଶାଖାରେ କାର୍ଯ୍ୟରତ ସ୍ପେଶାଲ୍ ଆସିଷ୍ଟାଣ୍ଟ ସାଥି ଭରତ କୁମାର ବ୍ରଜଲାଲ୍ ଗତ ୩୧.୧୨.୨୦୧୭ ତାରିଖରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ସାଥି ବ୍ରଜଲାଲ୍ ଗତ ତା୧୭.୦୫.୧୯୮୨ରିଖରେ ବ୍ୟାଙ୍କ୍‌ରେ କିରାଣୀ ପଦବୀରେ ଯୋଗ ଦେଇଥିଲେ । ଏହି ଅବସରରେ, ତା୩୦.୧୨.୨୦୧୭ରିଖ ଦିନ ଶାଖା ପରିସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ସାଧାରଣ ସମ୍ପାଦକ ସାଥି ଅଜୟ କୁମାର ମହାନ୍ତି ସାଥି ବ୍ରଜଲାଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ଉପ ସଭାପତି ସାଥି ପ୍ରଦୀପ ଷଡଙ୍ଗୀ, ସହ ସମ୍ପାଦକ ସାଥି ସୁଷମା ଦୋରାଙ୍କ ସହିତ ସମ୍ବଲପୁର (ମୁଖ୍ୟ) ଏବଂ ଅଇଁଠାପଲ୍ଲୀ ଶାଖାର ସାଥିମାନେ ଯୋଗ ଦେଇଥିଲେ ।

କଲେଜ ଛକ ଶାଖାର S.W.O.-B ସାଥି ରମେଶ ଚନ୍ଦ୍ର ନାୟକ ଗତ ମାସରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ, ତା୨୯.୧୨.୨୦୧୭ରିଖ ଦିନ ଶାଖା ପରିସରରେ "ୟୁନିୟନ ପରିବାର, କଟକ" ତରଫରୁ ଏକ ସମ୍ବର୍ଦ୍ଧନା ଆୟୋଜନ କରାଯାଇଥିଲା । ଏହି ସଭାରେ ସଭାପତି ସାଥି ଉପେନ୍ଦ୍ର ମହାନ୍ତି, ଉପ ସଭାପତି ସାଥି ପ୍ରଦୀପ ଷଡଙ୍ଗୀ, ସାଧାରଣ ସମ୍ପାଦକ ସାଥି ଅଜୟ କୁମାର ମହାନ୍ତି, କୋଷାଧ୍ୟକ୍ଷ ସାଥି ସୁରେଶ ଚନ୍ଦ୍ର ନାୟକ, ସହ-କୋଷାଧ୍ୟକ୍ଷ ସାଥି ମନୋରଞ୍ଜନ ପାତ୍ରଙ୍କ ସହିତ କଟକ ସହରର ଶାଖାଗୁଡିକର ସାଥିମାନେ ଯୋଗ ଦେଇଥିଲେ ।

| A. O. U. B. E. A. | ଏ. ଓ. ୟୁ. ବି. ଇ. ଏ. | **<u>BEFI ର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ</u>**<br><br>..........................................................<br><br>.............................. BRANCH |
|---|---|---|

ସଂଗ୍ରାମୀ ଅଭିବାଦନ ସହ ।

ଆପଣଙ୍କର

*ସାଧାରଣ ସମ୍ପାଦକ*

## "FRDI" ବିଲ୍ ବିରୋଧରେ ସ୍ୱାକ୍ଷର ସଂଗ୍ରହ ଅଭିଯାନକୁ ସଫଳ କରନ୍ତୁ

Address-Gen. Secy,,AOUBEA, c/o Union Bank of India, Nayapalli Branch, 3/1-A,Civic Centre, IRC Village, Nayapalli, Bhubaneswar-751015